ବିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ବିବାହ
ଭାରଦ୍ୱାଦଶଙ୍କର ନନ୍ଦିନୀ ପଦ୍ମାବତୀ
ବ୍ୟାସ ପ୍ରଦାନ ହୋଇଲେ ସେ କନ୍ୟା ରୂପବନ୍ତୀ । ୧ ।
ପଦ୍ମଦଳ ଦେଶର ରାଜା ପଦ୍ମନାଭ
ପଞ୍ଚଭୂତ ଲୟ କରି ସେ ଖଟଇ ବାସୁଦେବ । ୨ ।
ଦାନେଣ ଅତି ପୁଣ୍ୟ ସେ ମାନେଣ ଚକ୍ରବ୍ରତୀ
ଗ୍ୟାନେଣ ପଣ୍ଡିତ ସେ ସକଳ ହିତେ ବ୍ରତୀ । ୩ ।
ସେ ରାଜାର ରାଜ୍ୟେ ଅଧର୍ମ ନ ପଶି
ଯତ ସତ କ୍ରିୟା ସେ ଯୋଗେଣ ନିର୍ଦ୍ଦୋଷୀ । ୪ ।
ସାଗରେକ ରଥ ବେନି ସାଗରେକ ହାଥୀ

number ସାଗର=ଦଶ ପଦ୍ମ, ୧୪ ଶୂନ୍ୟଯୁକ୍ତ
ସଂଖ୍ୟା, ୧୦,୦୦୦,୦୦୦,୦୦,୦୦,୦୦୦;

୧୦୧୪
ସାତ ସାଗର ବାଜୀ ତିନିସାଗର ପାରିଦଣ୍ଡ ନୃପତି । ୫ ।
ଅଷ୍ଟାଦଶ କ୍ଷଉଣୀ ଖଟଇଂ ସଇନି

number କ୍ଷଉଣୀ=ପୃଥିବୀ=ଅକ୍ଷୌହିଣୀର
ଅପଭ୍ରଂଶ, ବ୍ରିଗେଡ୍, ଅକ୍ଷ=ଗଜାଦିସମୂହ-
ଉହିନୀ,
ଚତୁରଙ୍ଗ ସେନାର ପରିମାଣ ବିଶେଷ ।
୧୦୯୩୫୦
ପଦାତି, ୬୫୬୧୦ ଅଶ୍ୱ, ୨୦୮୭୦
ହାତୀ,
୨୧୮୭୦ ରଥ, ମୋଟ
୨,୧୮,୮୦୦ ସୈନ୍ୟ ।

ମହାସ- ଦ ରାଜା ସେ ଅଟଇ ମହାଗ୍ୟାନୀ । ୬ ।
---------
୧ ।୨ ବ୍ୟାସ ପ୍ରଦାନ ହୋଇଲେ କନ୍ୟା ରତ୍ନକାନ୍ତି । ।
୨ ।୨ ପଞ୍ଚଭୂତ ୟେକ କରି ସେ ଖଟଇ ବାସୁଦେବ । ।
୪ ।୨ ଯତ ସତ-ଯମ ଓ ସତ୍ୟ, ଅହିଂସାଦିଗୁଣ, ସଂଯମ ।

ପଦ୍ମନାଭ ରାଜା ଯେ ଜଗତେ ବିଖ୍ୟାତି
ବେଦ ଶାହାସ୍ତ୍ରେ ସେ ଅଟଇଂ ନିର୍ଜିତୀ । ୭ ।
ମନ୍ତ୍ରୀ ଅମନାତ୍ୟ ଯେ ନିରବଧି ଖଟନ୍ତି
ସେ ପଦ୍ମନାଭ ରାଜାର ଶତେକ ସନ୍ତତି । ୮ ।
ଚାରିକନ୍ୟା ତାହା ତହୁଂ ହୋଇଲେ ଉତପତ୍ତି
ସୁରନାଭ, ସଉନାଭ, ବଜ୍ରନାଭ ବୀର
ଯୋଗନାଭ, ବଳନାଭ, ଶୁଦ୍ଧନାଭ ଶୂର । ୯ ।
ଜୟନାଭ, ସମନାଭ, ଗଗନନାଭ ନାମ ଦେବା
ନୀଳନାଭ, ବରୁଣନାଭ, ଅରୁଣନାଭ ପ୍ରଭା । ୧୦ ।
ୟେହିମତେ ପଦ୍ମନାଭର ଅନେକ ସନ୍ତତି
ଭାଗ୍ୟବର ସେବି ସେ ଅଟଇ ମହାଛତ୍ରୀ । ୧୧ ।
ମଳୟ ନୀଳ ବଂଶେ ହୋଇଲେ ଉତପତ୍ତି
ୟେହି ରୂପେ ବଂଶ ତାର ବଡାଇ ବିଖ୍ୟାତି । ୧୨ ।
ତାହାର ତହୁଂ ଉପୁଜିଲା ଚାରି ଯେ କୁମାରୀ
ଅମ୍ବା, ଅମ୍ବିକା, ଅମ୍ବାଳିକା, ଅମ୍ବିଳିକା ସୁନ୍ଦରୀ । ୧୩ ।
ଗନ୍ଧର୍ବ ଅଂଶେ ସେ ଅଟନ୍ତି ବିଦ୍ୟାଧରୀ
ତୈଲୋକ୍ୟେ ରୂପେ ତାଙ୍କୁ ନାହିଂ ପଟାନ୍ତରି । ୧୪ ।
ଚିତ୍ର ବିଚିତ୍ର ସେ ଶାୟେନ୍ତନୁଙ୍କର ବଳା
ଅମ୍ବିକା ବାଳୀ ଯେ ଚିତ୍ରବୀର୍ଯ୍ୟକୁ ବରିଲା । ୧୫ ।

ବିଭା ଯୋଗେଣ ସେ କରଇ ପ୍ରଦାନ
ମାନିଲା ନୃପତି ସେ ସଂକଳ୍ପ କରି ମନ । ୧୬ ।
ମକର ଶୁକ୍ଳ ଦଶମୀ ରୋହିଣୀ ନକ୍ଷତ୍ରେ
ସୋମବାର ଶୁଭ ଯୋଗ ଧଇଲେ ପଣ୍ଡିତେ । ୧୭ ।
---------
୧୪ ।୨ ତ୍ରୈଲୋକ୍ୟରେ ରୂପେ ତାଙ୍କୁ ନାହିଂ ସମସରି ।।
୧୬ ।୨ ପାଳିଲା ନୃପତି ସେ ସଂକଳ୍ପ ବଚନ ।।
୭ ।୨ ନିର୍ଜିତୀ-ପାରଦର୍ଶୀ ।
୮ ।୧ ଅମନାତ୍ୟ-ଅମାତ୍ୟ ।

ସେ ଦିନରେ କଲେକ ସେହୁ ବିଭା ଅନକୂଳ
ଅନେକ ସାନନ୍ଦେଣ କଲେ ଉତ୍ସବ ମଙ୍ଗଳ । ୧୮ ।
ଅନେକ ସମୃର୍ଦ୍ଧେଣ ସୋମବଂଶର ନୃପତି
ବରକୁ ଘେନିଣ ଯେ ଚଳନ୍ତି ବରଜାତି । ୧୯ । ଜାତି=ଯାତ୍ରୀ
ଅନେକ ବୀରତୂର ଉଦ୍ଦଣ୍ଡ ପାଟଛତ୍ର
ଚଳାଇ ଚତୁରଙ୍ଗ ସଇନି ଯେ ଗଜ ଅଶ୍ୱ ପାଦାନ୍ତି ରଥ । ୨୦ ।
ଚଳନ୍ତି ଶାୟେନ୍ତନୁ ପାରେଶ୍ୱର ଭୂରିଶ୍ରବା
ଅନେକ ଦେଶର ଯେ ଚଳିଲେ ରାଜଦେବା । ୨୧ ।
ପ୍ରବେଶ ହୋଇଲେ ଯାଇଂ ପଦ୍ମଦଳ ଦେଶେ
ଚିତ୍ରବୀର୍ଯ୍ୟ କୁମର ବିଜୟ ବରବେଶେ । ୨୨ ।
କାଶ୍ୟପ ଗୋତ୍ରେ ଯେ ପଦ୍ମନାଭ ନରପତି Horoscope
ସୋମ ଗୋତ୍ରେଣ ଯେ ଶାୟେନ୍ତନୁ ମହାପତି । ୨୩ ।
ସୀଉକାର ବରଣ କଲେ କଉଶିକ ପୁରୋହିତେ
ବିଭାର ସଂଯୋଗ କରନ୍ତି ବେନି କୁଳ ଗୋତ୍ରେ । ୨୪ ।
ୟେସନେକେ ପ୍ରଦାନ କଲେକ କୁମାରୀ
ଅନେକ ଯେ ଯଉତୁକେ ବିଭାଯୋଗ ସାରି । ୨୫ । dowry
ହୋମ କରଣେ ବିଭା ବିଧି ହୋଇଲା ସମାପତ
କୁମାର କୁମାରୀ ପାରଣା କରନ୍ତି ଯେ ଘୃତ । ୨୬ ।
ବିଭା ସାରିଣ ବରକନ୍ୟା ଗଲେ ନିଜ ପୁରେ
ଭୋଜନ ଆଞ୍ଚୋବନ ସାରିଣ ବିଜୟେ ଶୟନ ମନ୍ଦିରେ । ୨୭ ।
ୟେସନେକେ ବରକନ୍ୟା ବିଭାର ସଂଯୋଗେ
ରାଜାମାନେ ଭୋଜନ କଲେ ଅନେକ ସମୃର୍ଦ୍ଧେ । ୨୮ ।
---------
୧୮ ।୨ ଅନେକ ସାନେନ୍ଦଣ କଲେ ବିଭାର ମଙ୍ଗଳ
୨୪ ।୨ ବିଭା ସଂଯୋଗ କରନ୍ତି କାଳ ଉଚିତ ଗୋତ୍ରେ ।।
୨୮ ।୧ ୟେସନେକେ ବରକନ୍ୟା ବିଭାର ପ୍ରସଙ୍ଗେ ।।
୨୪ ।୧ କଉଶିକ ପୁରୋହିତେ ସ୍ଥାନରେ କଶ୍ୟପ ପୁରୋହିତେ ପାଠ ଅଛି ।।
୨୭ ।୨ ଆଞ୍ଚୋବନ-ଆଚମନ

ବରକନ୍ୟାକଇଂ ବିଭା କରାଇ ନୃପତି
ଚଳନ୍ତି ସାନନ୍ଦେ ସେ ସୋମବଂଶ ଆଧିପତି । ୨୯ ।
ବିଚିତ୍ରବୀର୍ଯ୍ୟ ବିଭା ପରମ ସାନନ୍ଦେ
ତାହାଙ୍କର କନ୍ୟାକୁ ଦିଲାକ ଆନନ୍ଦେ । ୩୦ ।
ଅମ୍ବାଳିକା ନାମେ କନ୍ୟା ଅମ୍ବିକାଉଂ ସାନ ଯେ ବହେଣୀ

ବିଚିତ୍ରବୀର୍ଯ୍ୟକୁ ପ୍ରଦାନ କଲାକ ନୃପମଣି । ୩୧ ।
କନ୍ୟାନ୍ତ ଘେନି ବାହୁଡିଲେ ଶାୟେନ୍ତନୁ ମହାମୁନ୍ୟେ
ପ୍ରବେଶ ମହାତ୍ମା ଯାଇଂ ଆପଣା ଭୁବନେ । ୩୨-୪୮୪ ।
------
୩୧ ।୧  ବହେଣୀ-ଭଉଣୀ ।
**********